ଭାରତୀୟ ଜନତା ପାର୍ଟି, ଓଡିଶା

ବର୍ଷ ଆରମ୍ଭରୁ ରାଜ୍ୟସରକାରଙ୍କ ଭୁଲ ଡାଏରୀରେ ବରପୁତ୍ରଙ୍କୁ ଅସମ୍ମାନ

# ରାଜ୍ୟବାସୀଙ୍କ ଆଗରେ କ୍ଷମା ମାଗନ୍ତୁ ମୁଖ୍ୟମନ୍ତ୍ରୀ :ବିଜେପି

- ଉତ୍କଳମଣିଙ୍କୁ ଅସମ୍ମାନ
- ମୁଖ୍ୟମନ୍ତ୍ରୀ ତୁରନ୍ତ ଡାଏରୀକୁ ପ୍ରତ୍ୟାହାର କରନ୍ତୁ
- ଓଡିଶା ଜାତି, ଭାଷା ଏବଂ ସଂସ୍କୃତିକୁ ବଳି ପକାଇଦେଇଛନ୍ତି ମୁଖ୍ୟମନ୍ତ୍ରୀ
- ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକ ସଭାରେ ବକ୍ସି ଗୋପବନ୍ଧୁ କହି ଉତ୍କଳମଣିଙ୍କୁ ଅସମ୍ମାନ କରିଥିଲେ

**ଭୁବନେଶ୍ୱର, ତା.୦୧/୦୧ :** ନୂଆବର୍ଷ ଆରମ୍ଭରୁ ଓଡିଆ ବରପୁତ୍ରଙ୍କୁ ପୁଣି ଅସମ୍ମାନ । ଓଡିଶା ସରକାରଙ୍କ ତରଫରୁ ପ୍ରକାଶିତ ଡାଏରୀରେ ଭୂଲ ତଥ୍ୟ ପ୍ରଦାନ କରାଯାଇଛି । ଡାଏରୀ ଭିତରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ କବିତା ପ୍ରକାଶ ପାଇଥିବାବେଳେ କବିତାର ତଳେ କବିବର ରାଧାନାଥ ରାୟ ସେହି କବିତାଟିକୁ ଲେଖିଥିବା ଦର୍ଶାଯାଇଛି । ଏହି ମହା ତ୍ରୁଟି ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ଡାଏରୀକୁ ପ୍ରତ୍ୟାହାର କରି ରାଜ୍ୟବାସୀଙ୍କ ଆଗରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଜେପି ନେତା ତଥା ପୂର୍ବତନ ବିଧାୟକ ଶ୍ରୀ ରମାରଂଜନ ବଳିଆରସିଂହ ଦାବି କରିଛନ୍ତି ।

ଆଜି ବିଜେପିର ଏକ ପ୍ରତିନିଧୀ ଦଳ ଆଇଜି ପାର୍କରୁ ଜୟଦେବ ଭବନ ପର୍ଯ୍ୟନ୍ତ ପଦଯାତ୍ରା ମାଧ୍ୟମରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଓଡିଆ ଭାଷା ବିରୋଧୀ ମନୋଭାବକୁ ଦୃଢ ନିନ୍ଦା କରିଛି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ରାଜ୍ୟସରକାର ସବୁସମୟରେ ଅପମାନିତ କରିଚାଲିଛନ୍ତି । କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକ ସଭାରେ ବକ୍ସି ଗୋପବନ୍ଧୁ କହି ଉତ୍କଳମଣିଙ୍କୁ ଅସମ୍ମାନ କରିଥିଲେ । ମୁଖ୍ୟମନ୍ତ୍ରୀ ଓଡିଶା ଜାତି, ଭାଷା ଏବଂ ସଂସ୍କୃତିକୁ ବଳି ପକାଇଦେଇଛନ୍ତି । ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସତ୍ୟବାଦୀ ବାସିନ୍ଦାଙ୍କ ସମେତ ରାଜ୍ୟର ସମସ୍ତ ବୁଦ୍ଧିଜୀବୀ ଏଭଳି ଘଟଣାକୁ ନିନ୍ଦା କରିବା ସହ ରାଜ୍ୟସରକାରଙ୍କ ଖାମଖିଆଲି ନୀତିକୁ ବିରୋଧ କରିଛି ଶ୍ରୀ ବଳିଆରସିଂହ କହିଛନ୍ତି ।

ଓଡିଆ ଭାଷା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ମମତା ନାହିଁ । କେବଳ ଲୋକଦେଖାଣିଆ କ୍ୟାବିନେଟ ବସାଇ ଓଡିଆ ବିଶ୍ୱବିଦ୍ୟାଳୟ କଥା କହି ଲୋକଙ୍କୁ ଭୂଆଁ ବୁଲାଉଛନ୍ତି । ବାସ୍ତବରେ ଓଡିଆ କବି, ସାହିତ୍ୟ, ଭାଷା, ସଂସ୍କୃତି, ଐତିହ୍ୟ ଏବଂ ପଂରପରାକୁ ରାଜ୍ୟସରକାର ସମ୍ମାନ ଦେବାକୁ ଚାହୁଁନାହାଁନ୍ତି ବୋଲି ଶ୍ରୀ ବଳିଆରସିଂହ କହିଛନ୍ତି ।

ଏହି ବିକ୍ଷୋଭ ପ୍ରଦର୍ଶନରେ କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୁରଥ ବିଶ୍ୱାଳ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ନିୟତି ଗିରିଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ ।

**(ବିଜେପି ମିଡିଆ ସେଲ୍)**